ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/IPR(Od)/1288/22-11-2023**

## ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳିତ

## ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ : ଅତିଥି

ଭୁବନେଶ୍ୱର,୨୨/୧୧/୨୦୨୩:

ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ । ପରାଧୀନତା ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରି ସେ ଫାଶୀଖୁଣ୍ଟରେ ଝୁଲିଥିଲେ । ଗାନ୍ଧିଜୀଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନରେ ଉଦ୍‌ବୁଦ୍ଧ ହୋଇ ଲକ୍ଷ୍ମଣ ନାଏକଙ୍କ ଆନ୍ଦୋଳନ ଇଂରେଜ ସରକାର ଓ ଜମିଦାରଙ୍କ ଅନ୍ୟାୟ-ଅତ୍ୟାଚାର ବରୋଧରେ ଅଭିପ୍ରେତ ଥିଲା ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି ।

ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନାଜତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା କହିଲେ ଯେ ଶହୀଦ ଲକ୍ଷ୍ମଣ ନାଏକ ନିଃସ୍ୱାର୍ଥପର ମନୋଭାବ, ଦୃଢ଼ ମନୋବଳ ଏବଂ ନିର୍ଭୀକ ଜନସେବା ଯୋଗୁଁ ଜନଜାତି ମହଲରେ ବେଶ୍ ଆଦୃତ ଥିଲେ । ସେ ଥିଲେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ । ଗାନ୍ଧୀଙ୍କ ବାଣୀକୁ ଦେଶୀଆ ଭାଷାରେ ପ୍ରଚାର କରିବା, ଖଦୀ ବସ୍ତ୍ର ପରିଧାନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ସହିତ ଲକ୍ଷ୍ମଣ ବ୍ରିଟିଶ ସରକାରଙ୍କ ସହିତ ଅସହଯୋଗ କରିବାରେ ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀମାନଙ୍କ ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରବର୍ତ୍ତିତ  ଟିକସ ନଦେବା ପାଇଁ ସେ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ । ନିଃସ୍ୱାର୍ଥପର ଓ ନିର୍ଭୀକ ଜନସେବା ଯୋଗୁଁ ତାଙ୍କୁ ଲୋକାମନେ ଅତ୍ୟନ୍ତ ଭଲ ପାଉଥିଲେ ଏବଂ ମାଲକାନଗିରିର ଗାନ୍ଧୀ ବୋଲି କହୁଥିଲେ ବୋଲି ମନ୍ତ୍ରୀ ଶ୍ରୀ ସାରକା  ଉଲ୍ଲେଖ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋଟପାଡ଼ ବିଧାୟିକା ଶ୍ରୀମତୀ ପଦ୍ମିନୀ ଦିଆନ, ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ, ଗୁଣୁପୁର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି, ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ଶ୍ରୀ ରଘୁରାମ ପୋଡାଲ ଲକ୍ଷ୍ମଣ ନାଏକଙ୍କ ଜୀବନାଦର୍ଶ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ପରାଧୀନତା, ଅନ୍ୟାୟ, ଅତ୍ୟାଚାର, ନିର୍ଯାତନା ଓ ଶୋଷଣ ବିରୁଦ୍ଧରେ ଜନଜାତିଙ୍କ ମଧରେ ସଚେତନତା ସୃଷ୍ଟି କରିବା ନିମନ୍ତେ ତାଙ୍କର ଅବଦାନ ଚିର ସ୍ମରଣୀୟ ରହିବ । ଭାରତର ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ଅବଦାନ ଉତ୍ତରପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।  ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶବରୀ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ରୋଜାଲିନ୍ ସାହୁ ସଂଯୋଜନା କରିଥିଲେ । ଶେଷରେ ଆଦର୍ଶ ଆଦିବାସୀ ନୃତ୍ୟକଳା ପରିଷଦ, ସୋରିଷପଦର, ବୈପାରୀଗୁଡ଼ା, କୋରାପୁଟର କଳାକାରମାନେ ଜନଜାତି ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ଦୀପ୍ତିମୟୀ ମହାପାତ୍ର
ଉପନିର୍ଦ୍ଦେଶକ